## ବାଙ୍ଗିରିପୋଷି ବ୍ଲକରେ ପିଡିଙ୍କ ସମୀକ୍ଷା

ବାଙ୍ଗିରିପୋଷି,(ଡି.ଏନ.ଏ.): ବାଙ୍ଗିରିପୋଷି ବ୍ଲକକୁ ମୟୂରଭଞ୍ଜ ଜିଲା ପିଡି ଦୌଲତ ଚନ୍ଦ୍ର କର ଗସ୍ତ କରି ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ସହ ଆବାସ ଯୋଜନା ଏବଂ ୫-ଟି ଯୋଜନାରେ ଚାଲିଥିବା ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟବାନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସେ ଯୋଗଦେଇଥିଲେ। ବୈଠକରେ ନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ଗଡତିଆ,ସହକାରୀ ଯନ୍ତ୍ରୀ ଯୋଗେଶ୍ୱର ବେହେରାଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ବାନ୍ଦଣା ପର୍ବ(ଗୋରୁ ଖୁଣ୍ଟା), ସ୍ଥାନ- ଶଂଶାନଦୀ,ଭଣ୍ଡାରିକୁଡ଼ା ପଡ଼ିଆ, ସାରସକଣା: ସମୟ- ଅପରାହ୍ଣ ୪ଟା।

**କେନ୍ଦୁଝର**

- ଧୃଙ୍ଗୁଆନ୍ ମହୋତ୍ସବ। ସ୍ଥାନ: ସହାରପଡ଼ା ବ୍ଲକ୍, କୁଣ୍ଡଳା। ସମୟ: ସନ୍ଧ୍ୟା ୭.୦୦।

**ଭଦ୍ରକ**

- କଂଗ୍ରେସ ପକ୍ଷରୁ ଘେରାଉ, ସ୍ଥାନ: ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ ଟା।
- ପଣ୍ଡିତ ନାରାୟଣ ପ୍ରସାଦ କରଙ୍କ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ଓ ନାରାୟଣ ନାନ୍ଦନିକା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶଙ୍ଖାରୋ, ଅନନ୍ତନୀଳୟ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଧାମନଗର ଉପନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର, ସ୍ଥାନ: ଦୋବଲ, ଧାମନଗର, ଶହୀଦ ପୀଠ, ଲୁଣିଆ, ସମୟ: ପୂର୍ବାହ୍ଣ ୧୧ଟା।

# ବାଲି ଖାଦାନ ବନ୍ଦ, ନିର୍ମାଣ କାର୍ଯ୍ୟ ମନ୍ଥର

**ବୈଶିଙ୍ଗା,୨୭।୧୦(ଡି.ଏନ.ଏ.)**

ପରିଚାଳନାଗତ ତ୍ରୁଟିରୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ବାଲି ଖାଦାନ ବନ୍ଦ ରହିଛି। ଫଳରେ ବିଭିନ୍ନ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଶତାଧିକ ପ୍ରଧାନମନ୍ତ୍ରୀ ଆବାସ, କଂକ୍ରିଟ ରାସ୍ତା, ସରକାରୀ କୋଠାବାଡ଼ି ସମେତ ଘର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥାଏ। ମାତ୍ର ବାଲି ମିଳୁ ନ ଥିବାରୁ ବେତନଟୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତରେ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମନ୍ଥର ଗତିରେ ଚାଲିଛି। ଚୋରାରେ ବାଲି ଆଣିଲେ ଏକ ଟ୍ରାକ୍ଟର ପ୍ରତି ୩୦୦୦ ଟଙ୍କା ଏବଂ ଡମ୍ପର ପିଛା ୧୮୦୦୦ ଟଙ୍କା ପଡୁଥିବା ବେଳେ ରାଜସ୍ୱ ବିଭାଗ ହାବୁଡ଼ରେ ପଡ଼ିଲେ ବାଲିର ଜରିମାନା ଗାଡ଼ିର ମୂଲ୍ୟଠାରୁ ମଧ୍ୟ ଅଧିକ ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ହିତାଧିକାରୀ ନିଜର ପୁରୁଣା ଘରକୁ ଭାଙ୍ଗି ନୂଆ ଘରେ ରହିବା ସପ୍ନ ଦିନ କେଇଟାରେ ଦିବା ସ୍ୱପ୍ନରେ ପରିଣତ ହେଉଛି। ତେଣୁ ସରକାରୀ ଘର ବା ରାସ୍ତା ନିର୍ମାଣ ପାଇଁ ଯେଉଁ ବାଲି ଆବଶ୍ୟକ ତାହାପାଇଁ ସରକାରୀ ନୀତି କୋହଳ ହେବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ବାଲି ଉଠାଣରେ ନିୟୋଜିତ ଦିନ ମଜୁରିଆମାନେ ମଧ୍ୟ କାମ ନ ପାଇ ହତାଶ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ପ୍ରତିବର୍ଷ ପ୍ରତି

### ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ହେବା ନେଇ ଆଶଙ୍କା

ପଞ୍ଚାୟତରେ ପାରିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଶେଷ ନ ହେବା ଯୋଗୁ ବିଭାଗୀୟ ବିନିଯୋଗ ପ୍ରମାଣପତ୍ର ଦିଆଯାଇ ପାରୁନାହିଁ। ଫଳରେ ପରବର୍ତ୍ତୀ ପର୍ଯ୍ୟାୟ ସରକାରୀ ଅନୁଦାନ ମଧ୍ୟ ଆସିପାରୁନାହିଁ। ଏ ସମ୍ପର୍କରେ ବେତନଟୀ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ ସେ ଏହି ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅଚଳାବସ୍ଥା ଦେଖା ଦେଉଥିଲେ ମଧ୍ୟ ବାଲି ଖାଦାନ ନିଲାମ ପ୍ରକ୍ରିୟା ରାଜସ୍ୱ ବିଭାଗର ହୋଇଥିବା ଯୋଗୁ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବେତନଟୀ ତହସିଲଦାର ଅନୀତା ନାୟକଙ୍କ ମତାମତ ନେବାରୁ ସେ କୁହନ୍ତି, ବାଲି ଖାଦାନ ନିଲାମ ପ୍ରକ୍ରିୟା ଚାଲିଛି। ମାତ୍ର ପୂର୍ବରୁ ଦୁଇ ଦୁଇ ଥର ଏଥିପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ କୌଣସି ଜଣେ ହେଲେ ନିଲାମ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆବେଦନ କରି ନାହାନ୍ତି। ଏ ସଂକ୍ରାନ୍ତରେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ବାଲିର ରୟାଲଟି ମୂଲ୍ୟ ଚଳିତ ବର୍ଷ ଅତ୍ୟଧିକ ବୃଦ୍ଧି କରାଯାଇ କ୍ୟୁବିକ ମିଟର ପ୍ରତି ୮୨୦ ଟଙ୍କା ଧାର୍ଯ୍ୟ କରାଯାଇଥିବା କାରଣରୁ ବାଲି ଘାଟ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ କେହି ଆଗ୍ରହ ପ୍ରକାଶ କରୁ ନ ଥିବା ସୂଚନା ମିଳିଛି। ତେଣୁ ରାଜସ୍ୱ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇ ପଡ଼ିଛି।

# ପରୀକ୍ଷା ଫଳାଫଳକୁ ନେଇ ଛାତ୍ର ଅଶାନ୍ତି, ତଦନ୍ତ କଲେ କୁଳପତି



ନୀଳଗିରି କଲେଜରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ।

**ନୀଳଗିରି, ୨୭।୧୦(ସ୍ୱ.ପ୍ର.)**

ନୀଳଗିରି କଲେଜରେ ଯୁକ୍ତ ୩ କଳା ତୃତୀୟ ବର୍ଷର ସେମିଷ୍ଟାର ଇଣ୍ଟରନାଲ ପରୀକ୍ଷାରେ ଇଂଲିଶରେ କମ୍ ମାର୍କ ରଖି ଫେଲ ହେବା ଘଟଣାକୁ ଛାତ୍ରୀଛାତ୍ରମାନେ ସହଜରେ ଗ୍ରହଣ କରି ନ ପାରି ଗତ ୧୭ ତାରିଖରେ ଧାରଣାରେ ବସିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ ଗୁରୁବାର ନୀଳଗିରି କଲେଜରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। କଲେଜରେ ଅଧ୍ୟାପିକା, ଅଧ୍ୟାପକଙ୍କ ମଧ୍ୟରେ ଏକତା ନ ଥିବା ତଦନ୍ତରୁ ଜଣାପଡ଼ିଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପରୀକ୍ଷା ଖାତାଗୁଡ଼ିକୁ ପୁନଃ ତଦନ୍ତ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଜୀବନ ସହିତ କୌଣସି ରାଜନୀତି କରାଯିବା ଉଚିତ୍ ନୁହେଁ। ବିଶ୍ୱବିଦ୍ୟାଳୟ ପାଇଁ ମହାବିଦ୍ୟାଳୟ ଉତ୍ତରଦାୟୀ ହେବ ଏବଂ ମହାବିଦ୍ୟାଳୟ ପାଇଁ ବିଶ୍ୱବିଦ୍ୟାଳୟ ଉତ୍ତରଦାୟୀ ବୋଲି ତଦନ୍ତ ସମୟରେ କୁଳପତି ସୂଚନା ଦେଇଥିଲେ। ଘଟଣାକୁ ନେଇ ନିରପେକ୍ଷ ତଦନ୍ତ କରାଯିବା ସହ ତଦନ୍ତରେ ଯେଉଁ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ସୂଚନା ଦେଇଛନ୍ତି।

## ପରିତ୍ୟକ୍ତ କୂଅରୁ ମୃତଦେହ ଜବତ

ପାଟଣା,୨୭।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ କାଶୀପୁର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ଜଣଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କାଶୀପୁର ଗ୍ରାମର କ୍ଷମାନନ୍ଦ ନାଏକ(୫୫)। ସେ ବୁଧବାର ଅପରାହ୍ଣରୁ ନିଖୋଜ ଥିଲେ। ଗୁରୁବାର ଘରଠାରୁ ୨୦ ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ଏଏସ୍ଆଇ ନରେଶ ଓରାମ ଓ ପାଟଣା ଅଗ୍ନିଶମ ବାହିନୀ କୂଅଭିତରୁ ମୃତଦେହ ଜବତ କରିଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତୁରୁମୁଙ୍ଗା ଥାନାରେ (ନଂ.୨୬/୨୨)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ପ୍ରତିଷ୍ଠା ହେଲା ଛଉନୃତ୍ୟ ତାଲିମ କେନ୍ଦ୍ର


ଅତିଥିଙ୍କ ଗହଣରେ ଛଉନୃତ୍ୟ କଳାକାରମାନେ।

**ବାରିପଦା ଅଫିସ,୨୭।୧୦**

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଛଉନୃତ୍ୟର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଛଉନୃତ୍ୟ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଏବଂ ଜିଲା ସଂସ୍କୃତି ପରିଷଦ ମୟୂରଭଞ୍ଜର ମିଳିତ ସହଯୋଗରେ ଏହି ତାଲିମ କେନ୍ଦ୍ର ଆରମ୍ଭ ହୋଇଛି। ଗୁରୁବାର ବାରିପଦା ସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ପର୍ଯ୍ୟଟନ, ସଂସ୍କୃତି ଓ ଭାଷା ସାହିତ୍ୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି । ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢ଼ୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଉପଜିଲାପାଳ ଅନ୍ୟା ଦାସ ଓ ଡେପୁଟି ଜିଲାପାଳ ସୁଜୟ ପତିଙ୍କ ସମେତ ୮ଜଣ ନୃତ୍ୟ ଗୁରୁ ଓ ୨୦ଜଣ ତାଲିମ ଗ୍ରହଣ କରୁଥିବା କଳାକାର ଉପସ୍ଥିତ ଥିଲେ। ବିଭିନ୍ନ ଛଉନୃତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଶ୍ୱ ଦରବାରରେ ଛଉନୃତ୍ୟ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ବୋଲି ଆଶା ପ୍ରକଟ କରିଛନ୍ତି। ଏହି ଅବସରରେ ଛଉ ପାଠ୍ୟ ଖସଡ଼ା ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଛଉନୃତ୍ୟ ସମ୍ବନ୍ଧୀୟ ବାର୍ଷିକ ପାଠ୍ୟକ୍ରମ ପ୍ରଚଳନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯିବ ବୋଲି ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ କଳାକାରମାନେ ଅତିଥିମାନଙ୍କୁ ପାରମ୍ପରିକ ଛଉ ବେଶଭୂଷାରେ ସଜ୍ଜିତ ହୋଇ ଭବ୍ୟ ସ୍ୱାଗତ କରିବା ସହିତ ସଦ୍‌ଭାବନା ଗୃହକୁ ପାଛୋଟି ନେଇଥିଲେ। ଏହା ପରେ ସମସ୍ତ ଅତିଥି ଜିଲା ସଂସ୍କୃତି ଭବନରେ ଚାଲିଥିବା ଅସ୍ଥାୟୀ ତାଲିମ କେନ୍ଦ୍ରରେ ପହଞ୍ଚି ଛଉନୃତ୍ୟ ଗୁରୁ ଓ କଳାକାରଙ୍କ ସହ ଭାବ ବିନିମୟ କରିଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

### ଅର୍ଥ ଅଭାବରୁ ଗାଁକୁ ଆସି ପାରିଲାନି ମୃତଦେହ

**ପାଟଣା,୨୭।୧୦(ସ୍ୱ.ପ୍ର.)**

ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡ଼ା ଗାଁର ସଞ୍ଜୀବ ପାତ୍ର (୪୫)। ସେ ସେଠାରେ ଜୋମାଟ ବୟ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ତାଙ୍କ ମୃତ୍ୟୁ ଘଟିଥିବା ବେଳେ ଅର୍ଥ ଅଭାବରୁ ତାଙ୍କ ଶବ ଗାଁକୁ ଫେରିପାରି ନାହିଁ। ସୂଚନା ମୁତାବକ, ସଞ୍ଜୀବ ବେଙ୍ଗାଲୁରୁରେ ଜୋମାଟୋ କମ୍ପାନୀରେ ଡେଲିଭରି ବୟ ଭାବରେ କାମ କରୁଥିଲେ। ମଙ୍ଗଳବାର ଖାଦ୍ୟ ଡେଲିଭରି ଦେବାକୁ ଯାଉଥିବା ବେଳେ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗୁରୁବାର ତାଙ୍କ ମୃତ୍ୟୁ ଘଟିଥିବା ବେଳେ ଅର୍ଥ ଅଭାବରୁ ମୃତଦେହ ଗାଁକୁ ଆଣି ପାରିନାହିଁ ବୋଲି ତାଙ୍କ ଭାଇ ପ୍ରଦୀପ ପାତ୍ର କହିଛନ୍ତି। ପରିବାର ଲୋକେ କମ୍ପାନୀ କର୍ତ୍ତୃପକ୍ଷକୁ ଅନୁରୋଧ କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ଶୁଣି ନ ଥିଲେ। ଶେଷରେ ମୃତକଙ୍କ ସାଙ୍ଗମାନେ ବେଙ୍ଗାଲୁରୁରେ ଶେଷକୃତ୍ୟ କରିଥିବା ଜଣାପଡ଼ିଛି।

# ସହକାରୀ ନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ

**ଆନନ୍ଦପୁର,୨୭।୧୦(ସ୍ୱ.ପ୍ର.)**

### ସମବାୟ ସମିତିରେ ବେଆଇନ ନିଯୁକ୍ତି ପ୍ରସଙ୍ଗ

ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ସଢ଼ା ସମବାୟ ସମିତିରେ ବେଆଇନ ନିଯୁକ୍ତି ପ୍ରସଙ୍ଗକୁ ନେଇ ସମିତିର ୫ ନିର୍ଦ୍ଦେଶକଙ୍କ ସମେତ ଚାଷୀ ଆନନ୍ଦପୁରର ଶାଳପଡ଼ାସ୍ଥିତ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏ ନେଇ ଏକ ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ୨୦୨୦ରେ ବେଆଇନ ଭାବେ ଅର୍ଥ ହଡ଼ପ ଅଭିଯୋଗରେ ବହିଷ୍କୃତ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପୁନର୍ବାର ଦାୟିତ୍ୱରେ ରଖିବା ପାଇଁ ସମିତି ପକ୍ଷରୁ ରିଜୋଲ୍ୟୁସନ୍ କରାଯିବା, ସମିତିର ନିର୍ଦ୍ଦେଶକଙ୍କ ସମ୍ପର୍କୀୟଙ୍କୁ ଅନ୍ୟ ଏକ ଡାଟା ଏଣ୍ଟ୍ରି ପୋଷ୍ଟରେ ନିଯୁକ୍ତି ଘଟଣାକୁ ବିରୋଧ କରି ନିର୍ଦ୍ଦେଶକମାନେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରତିବାଦରେ ନିର୍ଦ୍ଦେଶକଙ୍କ ସହିତ ଅନେକ ଚାଷୀ ସହକାରୀ ନିବନ୍ଧକଙ୍କୁ ଅଭିଯୋଗ ପ୍ରଦାନ ସହିତ ଧାରଣା ଦେଇଥିଲେ। ଘଟଣା ସମ୍ପର୍କରେ ସହକାରୀ ନିବନ୍ଧକ ଅଜୟ ସେଠୀ କୌଣସି ଉତ୍ତର ରଖି ନ ଥିଲେ। ଉଚ୍ଚ ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ର ହେବ ବୋଲି ନିର୍ଦ୍ଦେଶକମାନେ ପ୍ରକାଶ କରିଛନ୍ତି।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ସିଂଲା ନୃତ୍ୟ ମହୋତ୍ସବ ପ୍ରସ୍ତୁତି

ରୂପସା, ୨୭।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସିଂଲା ନୃତ୍ୟ ମହୋତ୍ସବ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଜୟନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମ ୨୦୨୩ ଜାନୁୟାରୀ ୧ରୁ ଆରମ୍ଭ ହୋଇ ୮ ତାରିଖରେ ଉଦ୍‌ଯାପିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପୁରୀ ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆସିବା ସହିତ ଶୁଭ କଳସ ଯାତ୍ରା, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲ୍ଲଭ ବତ୍ରିଶ ବେଶ ପ୍ରଦର୍ଶନ, ୫୬ ଭୋଗ, ବାଇଶି ପାହାଚ, ସିଂହ ଦ୍ୱାର, ଗରୁଡ଼ ସ୍ତମ୍ଭ, ପାର୍ଶ୍ୱ ଦେବୀଦେବଙ୍କ ମୃଣ୍ମୟ ମୂର୍ତ୍ତି, ଯଜ୍ଞାଦି କାର୍ଯ୍ୟକ୍ରମ, ନାମ ସଙ୍କୀର୍ତ୍ତନ, ଅନ୍ନ ମହୋତ୍ସବ, ଗ୍ରାମୀଣ ମେଳା, ମନୋରମ ସାଜସଜ୍ଜା, ସୁସଜ୍ଜିତ ଆଲୋକ ମାଳା, ପ୍ରବଚନ, ଭଜନ ସନ୍ଧ୍ୟା ଓ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ସିଂଲା ନୃତ୍ୟ ମହୋତ୍ସବ ଆଦି ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ କମିଟି ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ଉପଦେଷ୍ଟା ବରେନ୍ଦ୍ର ଦାଶ, ପ୍ରିୟବ୍ରତ ପଣ୍ଡା, ପ୍ରଧାନସେବକ ରବି ନାରାୟଣ ଗିରି, ମହା ସଚିବ ମନୋରଞ୍ଜନ ଗିରି, ଉପସଭାପତି ପ୍ରାଣକୃଷ୍ଣ ପ୍ରଧାନ ଏବଂ ସହ ସମ୍ପାଦକ ନିରଞ୍ଜନ ବେହେରା, ସଙ୍ଗଠନ ସମ୍ପାଦକ ହେମନ୍ତ କୁମାର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ

**ଜଳେଶ୍ୱର, ୨୭।୧୦(ଡି.ଏନ.ଏ.)**

### ଟୁରିଷ୍ଟ ବସ୍‌ରୁ ଚାନ୍ଦା ଆଦାୟ ଘଟଣା

୬୦ ନଂ. ଜାତୀୟ ରାଜପଥ ଟୋଲପ୍ଲାଜାଠାରେ ଏକ ଟୁରିଷ୍ଟ ବସ୍‌କୁ ଅଟକାଇ ଚାନ୍ଦା ଆଦାୟ କରିବା ଯୋଗୁ ଦୁର୍ଘଟଣା ଘଟି ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଜଳେଶ୍ୱର ପୋଲିସ ଅଦ୍ୟାବଧି ଚାନ୍ଦା ଆଦାୟକାରୀଙ୍କୁ ଗିରଫ କରି ନ ଥିବାରୁ ନ୍ୟାୟ ପାଇଁ ଭାଜପା ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୧୩ତାରିଖରେ ପଶ୍ଚିମବଙ୍ଗର ବିରଭୂମଠାରୁ ପୁରୀ ଜଗନ୍ନାଥଧାମ ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ୍ (ନଂ.ଡବ୍ଲୁବି୫୩-୭୭୫୯) ଭୋର ସମୟରେ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ପହଞ୍ଚିଥିଲା। ନିକଟସ୍ଥ ଏକ ଭଡାଘରୁ ୫/୬ଜଣ ଯୁବକ ଚାନ୍ଦା ଆଦାୟ କରିବା ପାଇଁ ଦୌଡି ଆସି ବସ୍ ଆଗରେ ଛିଡା ହୋଇଥିଲେ। ବସ୍ ଡ୍ରାଇଭର ହଠାତ୍ ବ୍ରେକ୍ ଦେବାରୁ ପଛରୁ ଆସୁଥିବା ଏକ କଣ୍ଟେନର(ନଂ.ଓଡି୦୨ଏଏସ୍-୦୫୬୯) ବସ୍ ପଛକୁ ଧକ୍କା ଦେଇଥିଲା । ଏଥିରେ ଜଣେ ବସ୍ ଯାତ୍ରୀ ଓ କଣ୍ଟେନର ଡ୍ରାଇଭର ମୃତ୍ୟୁବରଣ କରିଥିଲେ । ଘଟଣାରୁ ୧୫ଦିନ ଘଟିଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଟୋଲପ୍ଲାଜାରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଥିବା ଚାନ୍ଦା ଆଦାୟକାରୀଙ୍କୁ ପୋଲିସ୍ ଜାଣିଶୁଣି ପରୋକ୍ଷରେ ସହାୟତା କରୁଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି । ଭାଜପା ପକ୍ଷରୁ ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ସାବିତ୍ରୀ ଜେନା, ଜଗନ୍ନାଥ ଗୋଚ୍ଛାୟତ, ସୁମତି ରଣା ପ୍ରମୁଖ ଜଳେଶ୍ୱର ଥାନା ଅଧିକାରୀ ରୋଜାଲିନ୍ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଆସନ୍ତା ୧୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଧରଣୀଧର ସେନାର ସାଙ୍ଗଠନିକ ବୈଠକ

**ଚମ୍ପୁଆ,୨୭।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଧରଣୀଧର ସେନାର ସାଙ୍ଗଠନିକ ବୈଠକ ଗୋଧୂଳି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିଲେଶ୍ୱର ନାଏକଙ୍କ ସଭାପତିତ୍ୱରେ ଭୂୟାଁ ସାଂସ୍କୃତିକ ସଙ୍ଗଠନ ସଭାପତି ବିଭୀଷଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗିରିଧାରୀ ନାଏକ, ଘାସିରାମ ନାଏକ, ରାମଚନ୍ଦ୍ର ନାଏକ, ରଞ୍ଜିତା ନାଏକ, କାର୍ତ୍ତିକ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଭୂୟାଁ ସମ୍ପ୍ରଦାୟର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ଦିବଂଗତଙ୍କ ପାଇଁ ଶୋକସଭା ଆୟୋଜିତ ହୋଇଥିଲା।

# ଧାନକେଣ୍ଡାର ମାଳ ପକାଇ ବଳଦକୁ ବନ୍ଦାପନା

**ପାଟଣା,୨୭।୧୦(ସ୍ୱ.ପ୍ର.)**

### କୁଡୁମୀ ସମ୍ପ୍ରଦାୟର 'ଗୋହାଲ ପୂଜା' ପାଳିତ



କେନ୍ଦୁଝର ଜିଲା କୁଡୁମୀ ବହୁଳ ସାହାରପଡ଼ା ବ୍ଲକ୍‌ଅଞ୍ଚଳର ସାହାରପଡ଼ା ବ୍ଲକ୍‌କୁଣ୍ଡଳା, ବାର ଟଣିଆ, ବାଇକଳା ଖଜିରାପାଟ, ପାଟଣା ବ୍ଲକ୍ ସାଧୁପଡ଼ା, ମଙ୍ଗଳପୁର କୁଆପଶି, ଅସନବଣି, ଜାମୁପଶି, ଚେମେଣା, ବୁଢ଼ୀକାପୁଡ଼ିରେ କୃଷିଭିତ୍ତିକ ବାନ୍ଦନା ପରବର ଗୁରୁବାର ଗୋହାଲ ପୂଜା (ଗୁହାଳ ପୂଜା) ଓ ଗୋରୁ ଖୁଣ୍ଟା ପର୍ବ ପାଳନ କରାଯାଇଛି। କୁଡ଼ମାଲି ସାମାଜିକ ବ୍ୟବସ୍ଥା ଅନୁଯାୟୀ କୁଡୁମୀ ସମ୍ପ୍ରଦାୟର ଲୋକେ ଓଦା ଲୁଗା ପରିଧାନ କରି ଶସ୍ୟ କ୍ଷେତରୁ ଧାନକେଣ୍ଡାର ମାଳ ଆଣି ପୂଜା କରିଥିଲେ। ତାହା ବଳଦଙ୍କ ବେକରେ ଓ ପ୍ରତି ଘର ଶେଣୀରେ ବାନ୍ଧିଥିଲେ। ଗୁହାଳ ଘରେ ମୁରବିମାନଙ୍କ ଦ୍ୱାରା ନଅ ଗୋଟି ପ୍ରାକୃତିକ ଶକ୍ତିଙ୍କୁ କୁକୁଡ଼ା ଓ ଛେଳି ଦେଇ ଆରାଧନା କରାଯାଇଥିଲା। ଗୋ-ସମ୍ପଦଙ୍କୁ ଘରର ମୁଖ୍ୟ ପ୍ରବେଶ ପଥରେ ବନ୍ଦାପନା କରି ପ୍ରବେଶ କରାଇଥିଲେ। ଗୋରୁ ଖୁଣ୍ଟା ପର୍ବରେ କୃଷି କାର୍ଯ୍ୟରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବଳଦକୁ ସୁସଜ୍ଜିତ କରି ସମସ୍ତଙ୍କ ଘର ସମ୍ମୁଖରେ ବନ୍ଧା ଯାଇଥିଲା। ଚତୁର୍ଥ ଦିନ ବୁଢ଼ୀ ବନ୍ଦନା ପର୍ବରେ ଗାଁର ଝିଅମାନେ ସାହି ପଡ଼ିଶାର ସମସ୍ତ ଘରକୁ ଯାଇ ପିଠାପଣା ଖାଇବାର ପରମ୍ପରା ରହିଛି ବୋଲି କୁଡୁମୀ ସେନା ମିଡ଼ିଆ ସେଲ୍ ଅଧ୍ୟକ୍ଷ ଲମ୍ବୋଦୋର ମାହାନ୍ତ କହିଛନ୍ତି।

## 'ପରମାନନ୍ଦ ଥିଲେ ନିର୍ଭୀକ ଖବରଦାତା'

**ଭଦ୍ରକ ଅଫିସ/ ଧାମନଗର(ଡି.ଏନ୍.ଏ.),୨୭।୧୦**

ବରିଷ୍ଠ ଖବରଦାତା, ଭଦ୍ରକ ପୌରପାଳିକାର ପୂର୍ବତନ କାଉନସିଲର, ସୁସଙ୍ଗଠକ ପରମାନନ୍ଦ ଦାସ ଜଣେ ନିର୍ଭୀକ ଖବରଦାତା ଓ ସାମାଜିକ କର୍ମୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଶୋକସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତଃ ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ପଣ୍ଡିତ ଦୈତାରି ମହାପାତ୍ରଙ୍କ ପୌରୋହିତ୍ୟରେ ଭଦ୍ରକ ନରିପୁରସ୍ଥିତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ବାସଭବନରେ ବୁଧବାର ଅପରାହ୍ଣରେ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ଆବାହକ ଦୁର୍ଗାଶଙ୍କର ବିଶ୍ୱାଳ, ଉପସଭାପତି ମୃତ୍ୟୁଞ୍ଜୟ ମହାପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ଦିବାକର ବାରିକ, ଅଭୟ କ୍ଷେତ୍ରୀ, ପ୍ରମୋଦ ରାୟ, ସତ୍ୟଭୂଷଣ ସ୍ୱାମୀ, ରାକେଶ ଦାସ, ରଶ୍ମିତା ଦାଶ, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଗୋପାଳ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ଶିବ ପ୍ରସାଦ ରାୟ, ଅଧିବକ୍ତା ଯତିକାନ୍ତ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସେହିପରି ଧାମନଗର ପ୍ରେସ୍ କ୍ଲବ ପରିସରରେ ସଭାପତି ବାସୁଦେବ ତ୍ରିପାଠୀଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ଅନିଲ କୁମାର ବାରିକ, ରସାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସୁଧାକର ଦାଶ, ଅନନ୍ତ ଜେନା, ବିବେକାନନ୍ଦ ସାମଲ, ଅଭିମନ୍ୟୁ ମଲ୍ଲିକ, ଜଗବନ୍ଧୁ ବେହେରା, ସଞ୍ଜୀବ ମହାନ୍ତି, ପ୍ରଶାନ୍ତ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରେସ୍ କ୍ଲବର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅବହେଳିତ ବଡ଼ ଘାଗରା ପର୍ଯ୍ୟଟନ କେନ୍ଦ୍ର

**କେନ୍ଦୁଝର,୨୭।୧୦(ସ୍ୱ.ପ୍ର.)**

ବଡ଼ ଘାଗରା ପର୍ଯ୍ୟଟନ କେନ୍ଦ୍ରକୁ ଅବହେଳା କରାଯାଉଛି। ପର୍ଯ୍ୟଟନ ସ୍ଥଳକୁ ଭଲ ରାସ୍ତା ନାହିଁ। ଆଲୋକ ବ୍ୟବସ୍ଥା ମଧ୍ୟ ନ ଥିବା ବେଳେ ଯାତ୍ରୀଙ୍କ ନିମନ୍ତେ ବିଶ୍ରାମାଗାରଟିଏ ବି ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଡଙ୍ଗା ପାଣି, କଣ୍ଟା କୋଳି, ମେଦିନୀପୁର, ଭେଜି ଡିହି ଗ୍ରାମର ଅଧିବାସୀ ଜିଲାପାଳ ଆଶିଷ୍ ଠାକେର୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ପ୍ରତ୍ୟେକ ବର୍ଷ ଅନେକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ସ୍ଥାନକୁ ଭ୍ରମଣ କରିବାକୁ ଆସନ୍ତି। ମାତ୍ର ଏନ୍ଏଚ ୪୯ ଅଞ୍ଚଳରୁ ଠାରୁ ବଡ଼ ଘାଗରାକୁ ଯାଇଥିବା ରାସ୍ତାର ଦୁରବସ୍ଥା ଯୋଗୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣ ଜଙ୍ଗଲ ପରିବେଷ୍ଟିତ ଏହି ଅଞ୍ଚଳରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ରହିଛି। ଏଣୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରିବାକୁ ପଡୁଛି। ସେହିପରି ଡ୍ୟାମକୁ ଯିବା ପାଇଁ ଅନ୍ୟ ଏକ ଏନ୍ଏଚ୍ ୪୯ରୁ ଡଙ୍ଗାପାଣି ଗ୍ରାମ ରାସ୍ତା ମଧ୍ୟ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ନିକଟରେ ଥିବା ସାନ ଘାଗରା କେନ୍ଦ୍ରର ବିକାଶ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏହାକୁ ସାବତ ପୁଅ ଭଳି ବ୍ୟବହାର କରାଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଏଠାରେ ରମଣୀୟ ବଡ଼ଘାଗରା ଜଳ ପ୍ରପାତ ରହିଥିବା ବେଳେ ଡ୍ୟାମ ତଥା ପାହାଡ଼ ଜଙ୍ଗଲ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେହିପରି ଏଠାରେ ଏକ ଶିବ ମନ୍ଦିର ରହିଛି। ଏହା ନିକଟରେ ଥିବା ପ୍ରଥମ ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ବର୍ଷ ହେଲା ଅଚଳ ହୋଇପଡ଼ିଛି। ବିଶ୍ରାମ ଗୃହ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ, ଖାଦ୍ୟ ଆଦି ବ୍ୟବସ୍ଥା ନାହିଁ। ପିକ୍‌ନିକ୍ ଋତୁରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକ ଆସି ଅବ୍ୟବସ୍ଥା ଯୋଗୁ ନିରାଶ ହୋଇ ଫେରିଥାନ୍ତି। ଏ ସବୁର ସମାଧାନ ଦାବି କରି ବାବା ରାମେଶ୍ୱର ମନ୍ଦିର ଟ୍ରଷ୍ଟ ଧରଣୀର ସଭାପତି ଧର ପରିହାଳଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।


ସ୍ଥାନୀୟ ଗ୍ରାମବାସୀ।

### ବିକାଶ ଦାବିକଲେ ସ୍ଥାନୀୟ ଅଧିବାସୀ

## ଜାତୀୟ ରାଜପଥ ମାର୍କେଟ କମ୍ପ୍ଲେକ୍ସରୁ ଚୋରି

**ବାହାନଗା, ୨୭।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ କଡରେ ଥିବା ସାପ୍ତାହିକ ବାରିକ୍‌ପୁର ହାଟସ୍ଥିତ ମାର୍କେଟ କମ୍ପ୍ଲେକ୍ସରୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମେତ ନଗଦ ଟଙ୍କା ଚୋରି ହୋଇଛି। ଦୋକାନୀ ଧର୍ମପଦ ତେଜରାତି ଦୋକାନ ବନ୍ଦ କରି ଘରକୁ ଆସିଥିବା ବେଳେ ଦୋକାନ ପଛପଟକୁ ତାଡି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି। ବୁଧବାର ସକାଳେ ଅନ୍ୟ ଦୋକାନୀମାନେ ଧର୍ମପଦଙ୍କୁ ଚୋରି ବିଷୟରେ ଜଣାଇବା ପରେ ସେ ସୋର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଦୋକାନୀ ମାଲିକ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ



ଖଇରା, ୨୭।୧୦(ଡି.ଏନ.ଏ.) ବାଲେଶ୍ୱର ଜିଲା ଅବକାରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ବିଭାଗ ଅଧିକାରିଣୀ କଳ୍ପନା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ୨ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହ କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତ ପିଆଣଗଡିଆ ଗ୍ରାମର ଉମାକାନ୍ତ ପରିଡା ଏବଂ ସିମୁଳିଆ ଥାନା କୁପୁରା ଗ୍ରାମର ଶତ୍ରୁଘ୍ନ ଦାସ । ସେମାନଙ୍କ ନିକଟରୁ ବହୁ ପରିମାଣର ଦେଶୀ ମଦ ଜବତ କରାଯାଇଛି। କନଷ୍ଟେବଳ ବିଜୟ ମଲ୍ଲିକ ଏଥିରେ ସାମିଲ ଥିଲେ।

### ଜଳେଶ୍ୱରରେ ଡେଙ୍ଗୁ ଆତଙ୍କ : ବିଭିନ୍ନ ଗ୍ରାମରେ ୩୦ ସଂକ୍ରମିତ

ଜଳେଶ୍ୱର, ୨୭।୧୦(ଡି.ଏନ.ଏ.)- ଜଳେଶ୍ୱର ବ୍ଲକ ଓ ପୌରପାଳିକା ଅଞ୍ଚଳରେ ଅଦ୍ୟାବଧି ୩୦ଜଣ ବ୍ୟକ୍ତି ଡେଙ୍ଗୁ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ଆତଙ୍କ ଦେଖାଦେଇଛି। ଜଳେଶ୍ୱର ଅଞ୍ଚଳରୁ ଦୂରକୁ ଯାଇ କାର୍ଯ୍ୟ କରି ଫେରିଥିବା କିମ୍ବା ବନ୍ଧୁ ଘରୁ ଫେରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରବଳ ଜ୍ୱର ହେଉଥିବାରୁ ଡେଙ୍ଗୁ ସଂକ୍ରମିତ ହେଉଥିବା କୁହାଯାଇଛି। ଅଦ୍ୟାବଧି ଆମ୍ବଡିହା ଗ୍ରାମରୁ ୪, ରାଜପୁରରୁ ୨, ଆରୁହାରୁ ୩, ନାମ୍ପୋରୁ ଜଣେ, ସୋଲପଟାରୁ ଜଣେ, ଡିପିପୁରରୁ ଜଣେ ଓ ସେକ୍ ବାଡରୁ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଅଳ୍ପଦିନ ପୂର୍ବରୁ କେତେକ ରୋଗୀ ଚିକିତ୍ସା ହୋଇ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ଜଣାପଡିଛି। ଏ ସମ୍ପର୍କରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ପଚାରିବାରୁ ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ସୂଚନା ନ ଥିବା ବେଳେ ସଂକ୍ରମିତ ୩୦ଜଣ ଯାକ ଅନ୍ୟସ୍ଥାନରୁ ଆସି ଜ୍ୱର ଭୋଗୁଥିବା ଏବଂ ସେମାନେ ବାଲେଶ୍ୱର ମୁଖ୍ୟ ହସ୍‌ପିଟାଲରୁ ଡେଙ୍ଗୁ ଚିହ୍ନଟ ହୋଇଥିବା ଜଣାଯାଇଛି । ଡେଙ୍ଗୁ ସମ୍ପର୍କରେ କେତେକ ସ୍ଥାନରେ ସଚେତନତା କରାଯାଇଥିଲେ ମଧ ବ୍ୟାପକ ସଚେତନତା ଲାଗି ଦାବି ହେଉଛି ।

### ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସୁରଭିର ଲକ୍ଷ୍ୟ

ବାସୁଦେବପୁର, ୨୭।୧୦(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କିଷ୍ମତକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ୨୩ କ୍ଲଷ୍ଟର ଅଧୀନ ୨୪ ବିଭାଗର ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ବିଡିଓ ସତ୍ୟଜିତ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ପୂର୍ଣ୍ଣବିକାଶ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଥିଲେ। ସଭାପତିତ୍ୱ କରିଥିଲେ ବିଇଓ ଜଗବନ୍ଧୁ ସାହୁ। ବିଭିନ୍ନ ବିଭାଗର ୨୪ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ପୂର୍ବତନ ଅନୁଶିକ୍ଷା ନିରୀକ୍ଷକ ଗୌରାଙ୍ଗ ସ୍ୱାଇଁ, ପ୍ରଧାନଶିକ୍ଷକ ଅବିନାଶ ପ୍ରଧାନ, ଏବିଇଓ ମୀନାକୁମାରୀ ମଲିକ, ସୁକାନ୍ତି ବାରିକ, ଉର୍ମିଳା କର, ପରିଚାଳନା କମିଟି ସଭାପତି ଶାନ୍ତନୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### 'ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭାର ବିକାଶ ହୋଇଥାଏ'

ଖଇରା, ୨୭।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ମହତିପୁର ହାଇସ୍କୁଲ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ ସଂଯୋଜକ ଲମ୍ବୋଧର ଦାସ ପୌରୋହିତ୍ୟ କରିଥିଲେ। ସରପଞ୍ଚ ରଶ୍ମିତା ଯେନା ମୁଖ୍ୟଅତିଥି, ସମିତିସଭ୍ୟା ସବିତାରାଣୀ ପଣ୍ଡା, ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଡ଼ାନନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଅନନ୍ତ ପ୍ରସାଦ ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚିନ୍ତାମଣି ସାହୁ, ବିଶ୍ୱନାଥ ନାୟକ, ରଞ୍ଜନ କୁମାର ମହାନ୍ତି, ଭବାନୀ ଶଙ୍କର ଦ୍ୱିବେଦୀ, ମିନତୀ ପାଣିଗ୍ରାହୀ, ପ୍ରମୋଦ କୁମାର ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ପ୍ରଚାରରେ କମ୍ପୁଛି ଧାମନଗର

## ଧାମନଗର ଜୋନ୍‌ରେ ଭାଜପା, ଦୋବଲରେ ବିଜେଡିର ରୋଡ୍‌ଶୋ'

**ଧାମନଗର,୨୭।୧୦(ଡି.ଏନ୍.ଏ.)**

ଧାମନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପୁଛି ମଇଦାନ। ଗୁରୁବାର ଭାଜପା ଓ ବିଜେଡି ପକ୍ଷରୁ ରୋଡ୍‌ଶୋ' କରାଯାଇଛି। ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା କରିଛନ୍ତି ଦଳୀୟ ନେତା। ଧାମନଗର ଜୋନ୍‌ରେ ଭାଜପା ଓ ଦୋବଲ ଜୋନ୍‌ରେ ବିଜେଡି ରୋଡ୍‌ଶୋ' କରିଛି। ଧାମନଗର କଲେଜ ପାଖ ଜରାଶ୍ରମଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଦଳୀୟ ନେତା କୈଳାସ ମହାପାତ୍ର ଓ ଅନ୍ୟମାନଙ୍କ ସହ ଦକ୍ଷିଣବାଡ଼, ଶାମପୁର, କସାବବସ୍ତି, ମହାନ୍ତିସାହି, ଚୁନପଡ଼ା ଛକ, ମଳିକସାହି, ତାଳପଦା, ଗୁମଗଡ, ଜୟୀନଗର, ଯୋରାଗଡିଆ, କାଙ୍କରା, ବ୍ଲକ ଛକ ପରେ ରାଧାବଲ୍ଲଭପୁର ପଞ୍ଚାୟତକୁ ଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।



ଶୋଭାଯାତ୍ରାରେ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା ନେତା।

ସେହିପରି ଦୋବଲ ଜୋନ୍‌ରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ବିଜେଡି ତା'ର ସ୍ଥିତିକୁ ଜାହିର କରିଛି। ଏକ ଖୋଲା ଗାଡ଼ିରେ ଦଳୀୟ ପ୍ରାର୍ଥିନୀ ଅବନ୍ତୀ ଦାସଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ ପ୍ରମୁଖ ଶୋଭାଯାତ୍ରା କରି ପ୍ରଚାର କରିଥିଲେ। ମୁସ୍ତାଫାପୁର, ଦୋବଲ, ଖଡିପଦା, ସୋହଡା, କରଦା, ଦଳାଙ୍ଗ, ପଧାନୀ, ଦେହୁଡି ଆନନ୍ଦପୁର ଆଦି ପଞ୍ଚାୟତରେ ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।



ରୋଡ୍‌ଶୋ'ରେ ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି।

## ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି

ଧାମନଗର,୨୭।୧୦(ଡି.ଏନ୍.ଏ.)– ଧାମନଗର ଉପନିର୍ବାଚନ ପାଇଁ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ବୈଠକ ମାଧ୍ୟମରେ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ଲାଗି ପ୍ରଚାର କରାଯାଇଛି। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଏଥିରେ ଯୋଗଦେଇ ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ହରେକୃଷ୍ଣ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନମାମି ଗଙ୍ଗେ ଯୋଜନାର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ, ଯୁବମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ବିଶ୍ୱାଳ, ଆନନ୍ଦପୁର ଶକ୍ତିକେନ୍ଦ୍ର ପ୍ରମୁଖ ରମେଶ ଚନ୍ଦ୍ର ପତି, ଯାଜପୁର ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ଯୁବମୋର୍ଚ୍ଚା ଉପସଭାପତି ଅଭିମନ୍ୟୁ ସାହୁ, ଭଦ୍ରକ ସାଧାରଣ ସମ୍ପାଦକ ସନ୍ଦୀପ କୁମାର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ବିକ୍ରମ କେଶରୀ ରାଉତରାୟ , ଦଳୀୟ କର୍ମକର୍ତ୍ତା ପ୍ରମୋଦ ଅନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର ଗରିବ ମାରଣ ନୀତି ଚଳାଇଥିବା କହି ତାହାକୁ ଭୋଟରଙ୍କ ନିକଟରେ ଉପସ୍ଥାପନା କରି ଭାଜପା ସପକ୍ଷରେ ଭୋଟ୍ ପାଇଁ ଯୁବମୋର୍ଚ୍ଚା ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଛି। ପରେ ସଦସ୍ୟମାନେ ଘର ଘର ବୁଲି ପ୍ରାର୍ଥୀ ସୂରଜଙ୍କ ପାଇଁ ପ୍ରଚାର କରିଥିଲେ। ବୈଠକରେ ଯୁବମୋର୍ଚ୍ଚା ସଭାପତି ଆଚାର୍ଯ୍ୟ ଶତାଧିକ ଯୁବକଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଯୁବମୋର୍ଚ୍ଚା ସଦସ୍ୟ କମଳାକାନ୍ତ ପତି, କୁମାରେଶ ଆନ୍ଦିଆ, ଦିବ୍ୟରଞ୍ଜନ ଆନ୍ଦିଆ, ଜଗନ୍ନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ବୈଠକରେ ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସହ ଅନ୍ୟ କର୍ମକର୍ତ୍ତା।

# ଭାଗ ନେଲେ ୮ ଟିମ୍

### ଆନ୍ତଃ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ

**ବାଲେଶ୍ୱର ଅଫିସ, ୨୭।୧୦**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟଠାରେ ଗୁରୁବାର ଆନ୍ତଃ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱରର ଚତ୍ରିଖୁଣ୍ଟା, ଗଉରପୁର, ସିରେଇପୁର, ମଖାପଦା, ଗୋବର୍ଦ୍ଧନପୁର, ଗୋପାଳପୁର, ଫୁଲକିଆରୀ, ଚର୍ନାପାଲ ଆଦି ୮ଟି ଗ୍ରାମ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସ ଖେଳରେ ଏହି ୮ଟି ଗ୍ରାମର ଖେଳାଳିଙ୍କ ମଧ୍ୟରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ପ୍ରଥମ ଦିବସ ମ୍ୟାଚରେ ଚତ୍ରିଖୁଣ୍ଟା, ଫୁଲକିଆରୀ, ଚର୍ନାପାଲ୍ ଓ ମଖାପଦା ବିଜୟୀ ହୋଇ କ୍ୱାଟର୍ ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ଶୁକ୍ରବାର ସେମିଫାଇନାଲ୍ ଓ ଚୂଡ଼ାନ୍ତ ପର୍ଯ୍ୟାୟର ଖେଳ ଅନୁଷ୍ଠିତ ହେବ। ସଞ୍ଜୀବ ଭଟ୍ଟାଚାର୍ଯ୍ୟ, ସୀତା ମାରାଣ୍ଡି ଓ ଏସ୍ ସିଂ ମ୍ୟାଚ୍‌ଗୁଡ଼ିକର ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, କ୍ରୀଡ଼ା ପରିଷଦର ଉପସଭାପତି ଡ. ଭାସ୍କର ବେହେରା, କ୍ରୀଡ଼ା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ।



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

## ଅତିମାନସ ଚେତନା ଜାଗରଣ ଯାତ୍ରା

**କେନ୍ଦୁଝର,୨୭।୧୦ (ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ମାତୃନିଳୟଠାରୁ ସ୍ୱାଧୀନତା ସଂଗ୍ରାମୀ, ଦିବ୍ୟପୁରୁଷ ଶ୍ରୀଅରବିନ୍ଦଙ୍କର ୧୫୦ତମ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଅତିମାନସ ଚେତନା ଜାଗରଣଯାତ୍ରା ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କୁଳପତି ପ୍ରଫୁଲ୍ଲ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ପୁରୀ ଅରୋଜ୍ୟୋତି ଅନୁଷ୍ଠାନର ବିପିନାନନ୍ଦ ମିଶ୍ର ଶ୍ରୀଅରବିନ୍ଦଙ୍କ ଦିବ୍ୟ ପ୍ରତୀକ ପତାକା ଦେଖାଇ ଚେତନା ରଥକୁ ଶୁଭାରମ୍ଭ କରିଥିଲେ। ସବୁ ମଣିଷଙ୍କ ପାଇଁ ଆଧ୍ୟାତ୍ମିକ ଜୀବନ ହିଁ ସମାଧାନର ବାଟ, ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ଶ୍ରୀଅରବିନ୍ଦ ପୃଥିବୀକୁ ଅତିମାନସ ଶକ୍ତିର ଅବତରଣ କରାଇଛନ୍ତି ବୋଲି ଅତିଥିମାନେ କହିଥିଲେ। ରଥ କେନ୍ଦୁଝର ଜିଲାର ପ୍ରତି ବ୍ଲକ୍ ପରିକ୍ରମା କରି ଜନସାଧାରଣଙ୍କୁ ଆଧ୍ୟାତ୍ମିକ ସଚେତନ କରାଇବ। ଆସନ୍ତା ୯ରେ କେନ୍ଦୁଝର ଫେରିବ ଓ ନଭେମ୍ବର ୧୦ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ମାତୃନିଳୟ ପରିବାରର ଶ୍ରୀକାନ୍ତ ସାହୁ, ସୁରେଶ ଚନ୍ଦ୍ର ସାହୁ, ଗୟାଧର ଦାଶ, ଅଜୟ ପଲେଇ, ଜୟନ୍ତ ଦାଶ, ଶିବ ନାରାୟଣ ଶତପଥୀ, କନକଲତା ସାହୁ, ପିନାକୀ ମିଶ୍ର, ନାରାୟଣ ଭାଇ ପ୍ରମୁଖ ଅଂଶ ଗ୍ରହଣ କରି କହିଥିଲେ।

## ସାପ୍ତାହିକ ହାଟରୁ ଜବରଦଖଲ ଉଚ୍ଛେଦ



ଜେସିବି ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ସାରସକଣା,୨୭।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ସାପ୍ତାହିକ ହାଟରୁ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବାରିପଦା ଉପ ଜିଲାପାଳଙ୍କ ଚିଠି ନଂ. ୪୯୭ ଏବଂ ସାରସକଣା ତହସିଲ ନୋଟିସ ନଂ. ୪୨/୨୦୨୨ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଟ ଜମିରୁ ହଟିଯିବା ପାଇଁ ଜବରଦଖଲକାରୀମାନଙ୍କୁ ମାସକ ପୂର୍ବରୁ ନୋଟିସ ଦିଆଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟାରେ ମାଜିଷ୍ଟ୍ରେଟ ଭାବେ ବାଙ୍ଗିରିପୋଷି ତହସିଲଦାର ସାହେବରାମ ବାସ୍କେ, ସାରସକଣା ତହସିଲଦାର ମନୋଜ କୁମାର କାର୍ଜି, ଅତିରିକ୍ତ ତହସିଲଦାର ସାଇକୃଷ୍ଣ ଜେନାଙ୍କ ସହିତ ଝାରପୋଖରିଆ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକଙ୍କ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସାରସକଣା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନୀରିକ୍ଷକଙ୍କ ସହିତ ୨ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହିଥିଲେ।

## ବିଚ୍ଛିନ୍ନାଞ୍ଚଳରେ ପଣ୍ଡିତ ଗୋଦାବରୀଶଙ୍କ ଜୟନ୍ତୀ

**କେନ୍ଦୁଝର,୨୭।୧୦(ସ୍ୱ.ପ୍ର.)**

ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ଚକ୍ରଧରପୁରଠାରେ ବୁଧବାର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରେମୀ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରିଥିଲେ। ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ଡ. ନାଗେଶ୍ୱର ପ୍ରଧାନ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମିର ପୂର୍ବତନ ସଭାପତି ସରୋଜ ପ୍ରଧାନ, ପୂର୍ବତନ ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ ନନ୍ଦ, ସାଧାରଣ ସମ୍ପାଦକ ଅମ୍ବିକା ଚରଣ ଦୀକ୍ଷିତ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ୧୯୧୯ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ଚକ୍ରଧରପୁରର ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ ।

## ଏମ୍‌ଜିଏନ୍‌ଆରଇଜିଏସ୍ ସଫଳ ରୂପାୟନକୁ ଗୁରୁତ୍ୱ

**ଯୋଡ଼ା,୨୭।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତି ସଭାଗୃହରେ ଏକ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏପିଡି ଜୟଶ୍ରୀ ବେଉରା, ଡିଷ୍ଟ୍ରିକ୍ଟ ସୋସିଆଲ ଅଡିଟର ଚନ୍ଦନ ଆଇଚ ଯୋଗ ଦେଇ ଏମ୍‌ଜିଏନ୍‌ଆରଇଜିଏସ କାର୍ଯ୍ୟର ସମୀକ୍ଷା କରିଥିଲେ। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ବ୍ଲକ୍ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ, ସିଡିପିଓ ସୁକାନ୍ତ ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବ୍ଲକ୍‌ର ୧୯ ପଞ୍ଚାୟତରେ ସର୍ବମୋଟ ୧୯ ହଜାର ୩୮୪ ଜଣ ଜବକାର୍ଡଧାରୀ ମନରେଗା ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୭ ହଜାର ୪୫୦ ଜଣ ଜବକାର୍ଡ ପାଇଛନ୍ତି। ସେଥି ମଧ୍ୟରୁ ୫୪୦ଙ୍କୁ କର୍ମ ନିଯୁକ୍ତି ମିଳିଛି। ବଲାଣୀ ପଞ୍ଚାୟତରେ ମନରେଗା ଯୋଜନାରେ କିଛି ତ୍ରୁଟି ଥିବା ଜାଣି ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଆଗକୁ କିପରି ଏହାର ସୁ ବନ୍ଦୋବସ୍ତ ହୋଇପାରିବ ଏବଂ ମନରେଗା ଯୋଜନା କିପରି ବ୍ଲକ୍‌ରେ ସଫଳ ହେବ, ପ୍ରତ୍ୟେକ ଜବକାର୍ଡଧାରୀ ଏହାର ଲାଭ ଉଠାଇ ପାରିବେ ଏ ନେଇ ଆଲୋଚନା ହୋଇଥିଲା।

# ଜିଲାପାଳଙ୍କ ହସ୍ତକ୍ଷେପ ଦାବିକଲେ ସରପଞ୍ଚ

### ଚୟନ ପରେ ମିଳୁନି ନିଯୁକ୍ତି

**ବାଲେଶ୍ୱର ଅଫିସ, ୨୭।୧୦**

ବାଲେଶ୍ୱର ଜିଲା ସଦର ବ୍ଲକର ଶ୍ରୀକୋଣା ପଞ୍ଚାୟତ ଶ୍ରୀକୋଣା–୦୧ ଅଙ୍ଗନୱାଡ଼ି କେନ୍ଦ୍ର ସହାୟକ ପଦବୀ ପାଇଁ ଦୁଇ ଦୁଇ ଥର ଚୟନ ପ୍ରକ୍ରିୟା ନିୟମ ଅନୁସାରେ ଶେଷ ହୋଇଥିଲେ ମଧ ନିଯୁକ୍ତି ପତ୍ର ମିଳୁ ନ ଥିବାରୁ ଗୁରୁବାର ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟା ଏକ ପ୍ରତିନିଧି ଦଳ ସହ ଜିଲାପାଳଙ୍କୁ ସାକ୍ଷାତ କରି ହସ୍ତକ୍ଷେପ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ନେଇ ସରପଞ୍ଚ ଚେତାବନୀ ଦେଇଛନ୍ତି।

ଶ୍ରୀକୋଣା–୦୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ଅନ୍ୟପକ୍ଷରେ ସହାୟକ ନ ଥିବାରୁ କେନ୍ଦ୍ର ଏକ ପ୍ରକାର ଅଚଳାବସ୍ଥାରେ ରହିଛି। ଏଥିପାଇଁ ଗ୍ରାମବାସୀ ବାରମ୍ବାର ସହାୟକ ନିଯୁକ୍ତି ପାଇଁ ଲିଖିତ ଦାବି କରିଥିଲେ। କେନ୍ଦ୍ରରେ ସହାୟକ ଚୟନ ନିମନ୍ତେ ବିଜ୍ଞାପନ (ସଂଖ୍ୟା ୩୪), ୨୫।୭।୨୦୨୨ରେ ପ୍ରକାଶ ପାଇଥିଲା। ଅଙ୍ଗନୱାଡ଼ି କର୍ମୀ ଗ୍ରାମବାସୀଙ୍କୁ ଅବଗତ କରାଇ ୧୮୦ ଜଣ ଗ୍ରାମବାସୀ ସ୍ୱାକ୍ଷର କରିଥିଲେ। ୨୩।୮।୨୦୨୨ରିଖଠାରୁ ୨୯।୮।୨୦୨୨ ପର୍ଯ୍ୟନ୍ତ ଅଭିଯୋଗ ସମୟ ଧାର୍ଯ୍ୟ କରାଯାଇଥିଲା। ୨୮।୯।୨୦୨୨ ରିଖରେ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଚୟନ ପ୍ରକ୍ରିୟା ଧାର୍ଯ୍ୟ କରାଯାଇଥିଲା। ସେଥିରେ ଏକମାତ୍ର ଆବେଦନକାରୀ ଅଞ୍ଜୁ ବାଳା ମାଇତି ହୋଇଥିବାରୁ ସିଡିପିଓ ଜ୍ୟୋତିକା ରାୟ କୌଣସି ବିଷୟରେ ପ୍ରକାଶ କରି ନ ଥିଲେ। ପୁନର୍ବାର ବିଜ୍ଞାପନ (ସଂଖ୍ୟା ୬୬୩). ୧୩।୧୦।୨୦୨୨ରେ ପ୍ରକାଶ ପାଇଥିଲା। ୨୧।୧୦।୨୦୨୨ ରିଖରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇ ଏକମାତ୍ର ପ୍ରାର୍ଥିନୀଙ୍କୁ ଚୟନ କରାଯାଇଥିଲା। କିନ୍ତୁ ଦୀର୍ଘ ୮ଦିନ ବିତିଯାଇଥିଲେ ମଧ ସିଡିପିଓ ନିଯୁକ୍ତିପତ୍ର ଦେଉ ନ ଥିବାରୁ ଉଦ୍‌ବେଗ ପକାଶ ପାଇଛି। ସରପଞ୍ଚ କମଳ ସାହୁ, ସମିତିସଭ୍ୟା କୌଶଲ୍ୟା ମଣ୍ଡଳ, ନାଏବ ସରପଞ୍ଚ ମଞ୍ଜୁ ସିଂଙ୍କ ନେତୃତ୍ୱରେ ବହୁ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଚୟନ ପ୍ରାର୍ଥିନୀଙ୍କୁ ନିଯୁକ୍ତିପତ୍ର ଦେବା ପାଇଁ ଦାବି କରିଛନ୍ତି। ପ୍ରଶାସନିକ ସ୍ତରରେ ନ୍ୟାୟ ନ ମିଳିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ସରପଞ୍ଚ ସାହୁ।

ଏନେଇ ସିଡିପିଓ ଜ୍ୟୋତିକା ରାୟ କହନ୍ତି, ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ସହାୟକ ଚୟନ ନିମନ୍ତେ ସରକାରଙ୍କ ସମସ୍ତ ନିୟମ ଅନୁସାରେ ଦୁଇ ଥର ଚୟନ ପ୍ରକ୍ରିୟା ସରିଛି। କିନ୍ତୁ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନ ମିଳିବାରୁ ଚୟନ ହୋଇଥିବା ପ୍ରାର୍ଥିନୀଙ୍କୁ ନିଯୁକ୍ତିପତ୍ର ଦିଆଯାଇନାହିଁ। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସରପଞ୍ଚଙ୍କ ସମେତ ଗ୍ରାମବାସୀ।

## ନଦୀରେ ବୁଡ଼ି ଯୁବକ ମୃତ

ବାଙ୍ଗିରିପୋଷି,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚାଉଳଘୋରୀ ଗ୍ରାମ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ମୃତକ ହେଲେ ସେହି ଗ୍ରାମର ଶୁକ୍ରା ସିଂ। ଅପରାହ୍ନ ୩ଟା ସମୟରେ ସେ ବୁଢ଼ାବଳଙ୍ଗ ନଦୀର କାଳିଆମି ପୋଲ ନିକଟରେ ଗାଧୋଉଥିବା ଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


ଡଗରାସାହି କାଳୀପୂଜା ମଣ୍ଡପ।


ଚରମ୍ପା ଷ୍ଟେସନ ରୋଡ୍‌ରେ ଲୋକଙ୍କ ଭିଡ଼।

# ଭଦ୍ରକ କାଳୀପୂଜା: ୪ର୍ଥ ଦିନରେ ଅସମ୍ଭାଳ ଭିଡ଼

**ଭଦ୍ରକ ଅଫିସ, ୨୭।୧୦**

ଭଦ୍ରକ କାଳୀପୂଜା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଥିବା ବେଳେ ଦିନକୁ ଦିନ ଭିଡ଼ ବଢ଼ିବାରେ ଲାଗିଛି। ଅପରାହ୍ନ ପରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନ ୪ଟାଠାରୁ ଭଦ୍ରକ ବନ୍ତ ଛକଠାରୁ ଚରମ୍ପା ଓ ରାଜଘାଟ ପୋଲଠାରୁ ଚରମ୍ପା ହାଇସ୍କୁଲ ରୋଡ୍ ପର୍ଯ୍ୟନ୍ତ ରାସ୍ତାରେ ପ୍ରବଳ ଭିଡ଼ ହୋଇଥିଲା। ଏହି ରାସ୍ତାରେ ଯାନବାହନ ଚଳାଚଳ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଚରମ୍ପା କାଳୀପୂଜାରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ ଆଦି ବିଭିନ୍ନ ଜିଲା ସମେତ ରାଜ୍ୟ ବାହାରୁ ମଧ୍ୟ ବହୁ ଲୋକଙ୍କ ସମାଗମ ହେଉଛି। ଚରମ୍ପା ବଜାର ସ୍କୁଲ ରୋଡ୍, ବିଶାଣିଖରିଦାର ବାସନ୍ତୀ କାଳୀମଣ୍ଡପ, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ପିଡବ୍ଲ୍ୟୁଆଇ, ଡଗରାସାହି, ପଥରଆଡ଼ି, ଷ୍ଟେଶନ ଟ୍ରାଫିକଛକ ଓ ରାଜଘାଟ ପୋଲ ଶନିମନ୍ଦିର ନିକଟରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି। ସୁଉଚ୍ଚ ତୋରଣ ଓ ସୁସଜ୍ଜିତ ମଣ୍ଡପ ଆକର୍ଷଣ ସାଜିଥିବା ବେଳେ ମେଳା ସହ ବିଭିନ୍ନ ଅପେରା ପାର୍ଟି ପୂଜାର ମାହୋଲକୁ ଚଳଚଞ୍ଚଳ କରିଛି।

### ମନୋହରି ଦୋକାନରେ ମହିଳାଙ୍କ ଗହଳି

ମୀନାବଜାରରେ ପଡ଼ିଥିବା ମନୋହରି ଦୋକାନରେ ମହିଳା ଓ ଯୁବତୀଙ୍କ ଭିଡ଼ ଜମୁଛି। ନିଜ ମନପସନ୍ଦର ବିଭିନ୍ନ କସ୍‌ମେଟିକ୍ ଜିନିଷ କିଣିବା ପାଇଁ ସନ୍ଧ୍ୟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଦୋକାନଗୁଡ଼ିକରେ ଗହଳି ଲାଗି ରହୁଛି।

### ମୀନାବଜାର ଓ ଦୋଳି

କାଳୀପୂଜା ପାଇଁ ରାମଦୋଳି, ଚକ୍ରୀଦୋଳି, ବ୍ରେକ୍‌ଡ୍ୟାନ୍ସ, ଟଏଟ୍ରେନ, ଡ୍ରାଗନ ଆଦି ବିଭିନ୍ନ ପ୍ରକାର ଦୋଳି ଲାଗିଛି। ଛୋଟ ପିଲାଠୁ ଆରମ୍ଭ କରି ଯୁବତୀ ଯୁବକ ମେଳା ବୁଲିବା ସହ ଦୋଳିର ମଜା ନେଉଛନ୍ତି।

### ରେଲୱେ ଓଭରବ୍ରିଜ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରା

ଚରମ୍ପା ରେଲଷ୍ଟେଶନର ଅପରପାର୍ଶ୍ୱରେ ଥିବା ପଥରଆଡ଼ି ପୂଜା ମଣ୍ଡପକୁ ଯିବା ପାଇଁ ରେଲୱେ ଓଭରବ୍ରିଜ୍ ପାଲଟିଛି ମାଧ୍ୟମ। କ୍ଷମତାଠାରୁ ଅଧିକ ଲୋକ ଯାତାୟାତ କରୁଥିବା ଦେଖାଯାଇଛି। ଲୋକଙ୍କୁ ଧାଡ଼ିରେ ଛାଡ଼ିବା ପାଇଁ ଓଭରବ୍ରିଜର ଦୁଇପାର୍ଶ୍ୱରେ ରେଲୱେ ପୋଲିସ ଓ ଜିଆର୍‌ପି ମୁତୟନ ରହିଛନ୍ତି। ମଝିରେ ରଶି ବନ୍ଧାଯାଇ ଗୋଟିଏ ପଟେ ପ୍ରବେଶ ଓ ଆରପଟେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି।

### ବର୍ଷା-ଟୁଙ୍ଗୁରୁ ବାରୁଆଳିଠାରେ ସେଲ୍‌ଫି ନେବାକୁ ଭିଡ଼

ସାରା ରାଜ୍ୟରେ କିଛିଦିନ ତଳେ ଚର୍ଚ୍ଚିତ ବର୍ଷା ଓ ଟୁଙ୍ଗୁରୁ ଭୋଳର ପ୍ରେମ କାହାଣୀକୁ ନେଇ ଡଗରାସାହି ପୂଜା ମଣ୍ଡପରେ ବାରୁଆଳି ନିର୍ମାଣ କରାଯାଇଛି। ଉକ୍ତ ବାରୁଆଳି ପାଖରେ ଲୋକଙ୍କ ଭିଡ଼ ଜମିବା ସହ ଯୁବତୀ ଯୁବକ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଛି।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବୀର


@ଅଙ୍କିତ୍


@ନାରାୟଣ


@କିରଣମୟୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।



ଭଦ୍ରକାଳୀ ପୀଠରେ ଗୁରୁବାର ମା'ଙ୍କ ସିଂହବାହିନୀ ବେଶ।

# ସିଂହବାହିନୀ ବେଶରେ ଦର୍ଶନ ଦେଲେ ଭଦ୍ରକାଳୀ

**ଭଦ୍ରକ ଅଫିସ, ୨୭।୧୦:** ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୪ର୍ଥ ଦିନ ଗୁରୁବାର ସିଂହବାହିନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶ ଦର୍ଶନ ପାଇଁ ପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ମା'ଙ୍କ ବାହନ ସିଂହ ହୋଇଥିବା ବେଳେ ନାଲିପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ ହୋଇ ମା' ଭଦ୍ରକାଳୀ ପୂଜା ପାଇଥିଲେ। ଚାରିହସ୍ତରେ ଖଡ୍‌ଗ, ତ୍ରିଶୂଳ, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇଥିବା ମା'ଙ୍କ ସିଂହବାହିନୀ ବେଶକୁ ଦର୍ଶନ କଲେ ଗ୍ରହଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଶୁକ୍ରବାର ୫ମ ଦିନରେ ମା' ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେବେ।

# ୩୮ ବର୍ଷରେ ବ୍ଲକରୋଡ୍ କାଳୀପୂଜା

**ବାସୁଦେବପୁର,୨୭।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ଐତିହାସିକ କାଳୀପୂଜା ପାଇଁ ସହର ଉତ୍ସବମୁଖର ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବାସୁଦେବପୁରର ବ୍ଲକରୋଡ୍ କାଳୀପୂଜା ଚଳିତବର୍ଷ ୩୮ ବର୍ଷରେ ପଦାର୍ପଣ କରିଛି। ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ମଣ୍ଡପକୁ ଆକର୍ଷଣୀୟ କରିଛି। ମା' କାଳୀଙ୍କ ମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିକୁ ଅତି ନିଖୁଣ ଭାବେ ଶିଳ୍ପୀ ନାଗାର୍ଜୁନ ମିଶ୍ର ଓ ସହଯୋଗୀମାନେ ନିର୍ମାଣ କରିଛନ୍ତି। ସେହିପରି ପୂଜା ମଣ୍ଡପରେ ଗୋଟିଏ ସାମାଜିକ ଓ ଗୋଟିଏ ପୌରାଣିକ ଚିତ୍ରକଳ୍ପ ସ୍ଥାନ ପାଇଛି। ଦ୍ୱାପର ଯୁଗର ପୌରାଣିକ ଉପାଖ୍ୟାନ ମଥୁରା ବିଜୟ ଚିତ୍ରକଳ୍ପ ଏବଂ ବର୍ତ୍ତମାନ ସମାଜରେ ନାରୀ ଅସୁରକ୍ଷିତ ଥିବାବେଳେ ବିପର୍ଯ୍ୟସ୍ତ ସାମାଜିକ ବ୍ୟବସ୍ଥା ଓ ରାଜନେତାଙ୍କ ପକ୍ଷପାତିତା କାର୍ଯ୍ୟକୁ ନେଇ ନିର୍ମିତ ଚିତ୍ରକଳ୍ପ ଦର୍ଶକଙ୍କ ମନ ମୋହୁଛି। ଏହି ଚିତ୍ରକଳ୍ପ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

୧୯୮୪ରେ କମିଟି ପକ୍ଷରୁ ପୂଜା ଆରମ୍ଭ ହୋଇଥିଲା। ଲକ୍ଷ୍ମଣ ଚନ୍ଦ୍ର ବାରିକ, ଶଙ୍କର୍ଷଣ ସାମଲ, ପ୍ରହ୍ଲାଦ ବାରିକ, ରତିକାନ୍ତ ବେହେରା, କମଳାକାନ୍ତ ମଲିକ, ଭାଗୀରଥି ନାୟକ, ଶ୍ରୀଧର ନାୟକ, ପୁରସ୍ତମ ମାହୁନ୍ତ, ଗଦାଧର ପଲେଇ, ରଙ୍କନିଧି ସାହୁ, ଦାମୋଦର ଦାସ, ସୁବାସ ଚନ୍ଦ୍ର ସାହୁ, ଦିଲୀପ ମହାନ୍ତି, ରାମଚନ୍ଦ୍ର ସାହୁ, ଅନିରୁଦ୍ଧ ଦାସ, ଉପେନ୍ଦ୍ର ବାରିକ ପ୍ରମୁଖ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଓ ସହଯୋଗରେ ପୂଜା କମିଟି ଆତ୍ମପ୍ରକାଶ କରିଥିଲା। ପ୍ରଥମେ ନଡ଼ା ଛପର ଘରେ କଳସ ପୂଜା ଓ ପରେ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ସମୟକ୍ରମେ ବ୍ଲକ ସାମ୍ନାରେ ଆଜ୍‌ବେଷ୍ଟସ ଘରେ ମା'ଙ୍କ ପୂଜାର୍ଚ୍ଚନା ହେଉଥିଲା। ପରବର୍ତ୍ତୀ ସମୟରେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ ଓ ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟଙ୍କ ଆର୍ଥିକ ସହଯୋଗରେ ସ୍ଥାୟୀ ପକ୍କାଗୃହ ନିର୍ମାଣ କରାଯାଇଥିଲା। ଦୀର୍ଘବର୍ଷ ଧରି ସ୍ଥାନୀୟ ବ୍ୟବସାୟୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ବିଧିପୂର୍ବକ ମା'ଙ୍କ ପୂଜା ପାଳିତ ହୋଇଆସୁଛି। ବର୍ତ୍ତମାନ ପୂଜା କମିଟିର ସଭାପତି ଭାଗୀରଥି ନାୟକ ଓ ସମ୍ପାଦକ ଭାବେ ସୁଶେଷ ରଞ୍ଜନ ବାରିକ ଦାୟିତ୍ୱ ତୁଲାଉଛନ୍ତି।


ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ।

# ଆରମ୍ଭ ହେଲା ନବମ ଶ୍ରେଣୀ ଏସ୍-୧ ପରୀକ୍ଷା

**ବାରିପଦା ଅଫିସ/ ଠାକୁରମୁଣ୍ଡା,୨୭।୧୦(ଡି.ଏନ.ଏ.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବମ ଶ୍ରେଣୀ ଏସ୍-୧(ସମେଟିଭ୍ ଆସେସମେଣ୍ଟ) ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ନଭେମ୍ବର ୨ ତାରିଖରେ ଶେଷ ହେବ। ମୟୂରଭଞ୍ଜ ଜିଲାରେ ଥିବା ୨୬ଟି ବ୍ଲକ୍ ଅଧୀନ ୬୧୪ଟି ହାଇସ୍କୁଲର ୩୪ହଜାର ୫୧୪ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରଶ୍ନପତ୍ର ପରିଚାଳନା ପାଇଁ ୨୯ଟି ନୋଡାଲ ସେଣ୍ଟର କାର୍ଯ୍ୟ କରୁଛି। ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବା ପାଇଁ ବନ୍ଦୋବସ୍ତ କରାଯାଇଛି। ସେହିପରି ବ୍ଲକମାନଙ୍କରେ ଚିହ୍ନଟ ନ୍ୟୁଟ୍ରାଲ ବିଦ୍ୟାଳୟରେ ପରୀକ୍ଷା ସରିବା ପରେ ପ୍ରତିଦିନ ସଂପୃକ୍ତ ବିଦ୍ୟାଳୟ ଗୁଡ଼ିକ ପରୀକ୍ଷା ଖାତା ଜମା କରିବେ ଏବଂ ସମସ୍ତ ପରୀକ୍ଷା ସରିବା ପରେ ସେହି ବିଦ୍ୟାଳୟରେ ପରୀକ୍ଷା ଖାତା ମୂଲ୍ୟାୟନ ହେବ। ସେହିପରି ବ୍ଲକ ମାନଙ୍କରେ ଚିହ୍ନଟ ମେଣ୍ଟର ବିଦ୍ୟାଳୟରେ ପରୀକ୍ଷା ଫଳ ଅପଲୋଡ୍ କରାଯିବ। ଶାନ୍ତି, ଶୃଙ୍ଖଳାର ସହ ପରୀକ୍ଷା ସମାପନ କରିବାକୁ ଜିଲା ଓଷ୍ଟା ସଂଘ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଅନୁରୋଧ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧୀନରେ ଥିବା ୩୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୯୦ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଛନ୍ତି। ୧୩୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଠାକୁରମୁଣ୍ଡା ନୋଡାଲ କେନ୍ଦ୍ରର ଶିକ୍ଷକ ଭାଗ୍ୟବାନ ମହାନ୍ତ କହିଛନ୍ତି।

# ଗୋଟିଏ ରାତିରେ ୩ ଘରୁ ଚୋରି

**ଚମ୍ପୁଆ,୨୭।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାରେ ଗୋଟିଏ ରାତିରେ ୩ ଘରୁ ଗ୍ରୀଲ ଓ ଚାବି ଭାଙ୍ଗି ସୁନା ଗହଣା ସହ ଟଙ୍କା ଚୋରି ହୋଇଛି। ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିବା ବେଳେ ଚମ୍ପୁଆ ପୋଲିସ ତଦନ୍ତ ଆରମ୍ଭ କରିଛି। ଗୃହକର୍ତ୍ତା ଫନିଭୂଷଣ ସିଂଦେଓଙ୍କ କହିବା ଅନୁସାରେ, ଘରେ ସମସ୍ତେ ଶୋଇଥିବା ସମୟରେ ମଧ୍ୟରାତ୍ରରେ ଚୋରମାନେ ଘରର ଝରକା ଭାଙ୍ଗିବା ସହ ଗ୍ରୀଲ ତାଡ଼ି ଭିତରେ ପଶିଥିଲେ। ଘରେ ଥିବା ଆଲମାରି ଭାଙ୍ଗି ମଙ୍ଗଳସୂତ୍ର, ପାଉଁଜି, ନାକଫୁଲ ସହ ନଗଦ ଟଙ୍କା ଚୋରିକରି ନେଇଛନ୍ତି। ସେହିପରି ଉକ୍ତ ଘରଠାରୁ ଅଳ୍ପ ଦୂରରେ ଭରତ ଚନ୍ଦ୍ର ମହାନ୍ତ କାଳୀପୂଜା ପାଇଁ ନିଜ ପୈତୃକ ଘର ଶ୍ରୀଧରପୁର ପରିବାର ସହ ଯାଇଥିବାର ସୁଯୋଗ ନେଇ ଚାବିଭାଙ୍ଗି କାନଫୁଲ, ନାକଫୁଲ, ପାଉଁଜି ଏବଂ ଦାମୀ ଶାଢ଼ି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ସେହିପରୀ ସ୍ଥାନୀୟ ବ୍ରାହ୍ମଣ ଶାସନରୁ ଜଣଙ୍କୁ ଘରୁ ଚୋରି ହୋଇଥିବା ଜଣାପଡ଼ିଛି।

# ସ୍ଥାୟୀ ନିଯୁକ୍ତି ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଚିକିତ୍ସାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ।

**ବାଲେଶ୍ୱର ଅଫିସ, ୨୭।୧୦**

ସ୍ୱାସ୍ଥ୍ୟ ବିଭାଗ ଅଧୀନ ଆୟୁଷ ମନ୍ତ୍ରାଳୟର ସରକାରୀ ହୋମିଓପ୍ୟାଥିକ, ଆୟୁର୍ବେଦିକ ଓ ୟୁନାନୀ କାର୍ଯ୍ୟରତ ସାମୟିକ ଝାଡୁଦାର ତଥା ରାତ୍ର ଜଗୁଆଳିଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି। ବାଲେଶ୍ୱର ଓ ଭଦ୍ରକ ଜିଲାରେ କାର୍ଯ୍ୟରତ କର୍ମଚାରୀମାନେ ଗୁରୁବାର ବାଲେଶ୍ୱର ରେଳଷ୍ଟେଶନ ନିକଟସ୍ଥ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଏକାଠି ହୋଇ ଦାବି କରିଛନ୍ତି। ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଲେଶ୍ୱର, ଭଦ୍ରକ ଜିଲାରେ ୫୭ଟି ହୋମିଓପ୍ୟାଥିକ ଚିକିତ୍ସାଳୟରେ ୪୮ ଏବଂ ୬୮ଟି ଆୟୁର୍ବେଦିକ ଚିକିତ୍ସାଳୟରେ ୫୫ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିୟମିତ ଦରମା, ଠିକାଭିତ୍ତିକ ଏବଂ ଅସ୍ଥାୟୀ କର୍ମଚାରୀ ଭାବେ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ ଝାଡୁ ମାରିବାଠାରୁ ଆରମ୍ଭ କରି ଔଷଧ ବିତରଣ ଓ ରାତ୍ର ଜଗୁଆଳ ଭାବେ କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟେକ ଦିନ ୧୮ଘଣ୍ଟାରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଆସୁଛନ୍ତି। ମିଳୁଥିବା ପାରିଶ୍ରମିକ ଅର୍ଥ ପରିବାର ଭରଣପୋଷଣ ପାଇଁ ଅଭାବ ଦେଖାଦେଉଛି। କାର୍ଯ୍ୟ କରୁଥିବା ଉକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ କେତେକଙ୍କର ମୃତ୍ୟୁ ହୋଇଯାଇଛି। ଆଉ କେତେକ ଅବସର ନେଇସାରିଥିବା ବେଳେ ଅନେକ ଅବସର ଅପେକ୍ଷାରେ। ସ୍ଥାୟୀ ନିଯୁକ୍ତି ଦାବିରେ ଏକାଠି ହୋଇ ସରକାରଙ୍କଠାରେ ଦାବି କରିବା ପାଇଁ ବୈଠକରେ ଆଲୋଚନା କରି ଏକ ପ୍ରତିନିଧି ଦଳ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଚ୍ଚିନ୍ଦ୍ର ନାଥ ବିଶୋଇ, ଚୈତନ୍ୟ ରାଉତ, ବେଣୁଧର ଗିରି, ସୁଶୀଲ କୁମାର ନାୟକ ଓ ଅନିରୁଦ୍ଧ ଲେଙ୍କା ପ୍ରମୁଖ ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ମନ ମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ଖଇରା, ୨୭।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଣିକ ସଂଘ ଆନୁକୂଲ୍ୟରେ ଚାଲିଥିବା କାଳୀପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ଚଳିତବର୍ଷ ପୂଜାରେ ମେଢ ସାଙ୍ଗକୁ ସୁନ୍ଦର ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ଦେଖିବାକୁ ଦର୍ଶକ ପ୍ରବଳ ଭିଡ ଲଗାଇଛନ୍ତି। ବୁଧବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ବଣିକ ସଂଘ ସଭାପତି ଇଂ. ରାଜେଶ ମହାକୁଡ, ସମ୍ପାଦକ ଅଭିମନ୍ୟୁ ରାଉଳ, ଉପସଭାପତି ପୁରସ୍ମ ମହାନ୍ତି, ସହସମ୍ପାଦକ ରମାକାନ୍ତ ରାଉଳ, କୋଷାଧ୍ୟକ୍ଷ ପ୍ରତାପ ଗିରି, ସଂଯୋଜକ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜଳେଶ୍ୱରରୁ ଆସିଥିବା ଆର୍.ଏମ.ଡ୍ୟାନ୍ସ ଗ୍ରୁପ ଦ୍ୱାରା ମନମୁଗ୍ଧକର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିଭଳି ଗୁରୁବାର ପି.କେ ମେଲୋଡି ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଛି।



ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ବନ୍ଦ ହେଲା ଗୋରୁ ହାଟ

ସାରସକଣା,୨୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ଗୋରୁ ହାଟକୁ ପ୍ରଶାସନ ପକ୍ଷରୁ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ସାରା ରାଜ୍ୟରେ ଲମ୍ପି ରୋଗ ସଂକ୍ରମଣରେ ଅନେକ ଗୋରୁ ସଂକ୍ରମିତ ହେଉଛନ୍ତି। ଏହି ଗୋରୁହାଟ ଅଞ୍ଚଳର ଏକ ବଡ଼ ହାଟ ଭାବେ ଜଣାଶୁଣା। ସୀମାନ୍ତରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ରହିଛି। ରୋଗ ସଂକ୍ରମଣରେ ରୋକ ଲଗାଇବା ପାଇଁ ଗୁରୁବାର ଝାରପୋଖରିଆ ପୋଲିସ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ଗୋରୁ ହାଟ ବନ୍ଦ ନେଇ ସୂଚନା ଦିଆଯାଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି।

